# ପାଠ-୩-କବିତା : ଚିଲିକାରେ ସାୟନ୍ତନ

## କବି- କବିବର ରାଧାନାଥ ରାୟ

## ଶ୍ରେଣୀ – ଦଶମ

## ପ୍ରଥମ ଦିନ



Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

**General Objectives -** ସାଧାରଣ ଆଭିମୁଖ୍ୟ :

ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସାନ୍ଧ୍ୟକାଳୀନ ଦୃଶ୍ୟରାଜି କବିଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି । ପ୍ରାରମ୍ଭିକ ସୂଚନା ଏବଂ କୁଇଜ୍ ମାଧ୍ୟମରେ କବିତା ଉପସ୍ଥାପନା

**Specific Objectives -** ବିଶେଷ ଆଭିମୁଖ୍ୟ :

କବି ରାଧାନାଥଙ୍କ ଜୀବନୀ ଓ ସାହିତ୍ୟ କୃତି,

ପାଣ୍ଡିତ୍ୟ ଓ କବିଙ୍କର ଉଚ୍ଚକୋଟୀର ନିଦର୍ଶନ,

ଚିଲିକାର ପ୍ରାକୃତିକ ଦୃଶ୍ୟ,

ପ୍ରକୃତିକୁ ନାୟିକା କରିବାରେ କବିଙ୍କର ସିଦ୍ଧହସ୍ତତା ସଂପର୍କରେ ଜ୍ଞାନ ।


ଜାତୀୟ ଭାବନାର ଉଦ୍‌ବେଳନ,

ଜୀବନ ପ୍ରତି ଶାଶ୍ୱତ ବାର୍ତ୍ତା ଓ କବିଙ୍କ ସୌନ୍ଦର୍ଯ୍ୟ ବୋଧ ସଂପର୍କରେ ଜ୍ଞାନ ।

ବ୍ୟାକରଣଗତ ଶବ୍ଦ, ନୂତନ ଶବ୍ଦ ଏବଂ ଶୁଦ୍ଧ ଓ ସ୍ୱଷ୍ଟ ଲିଖନ ।

କବିତା ଆବୃତ୍ତି ଶୈଳୀ ସଂପର୍କରେ ଅଧିକ ତଥ୍ୟ ।

ODM EDUCATIONAL GROUP
*Changing your Tomorrow*



# କବିବର ରାଧାନାଥ ରାୟ

ODM EDUCATIONAL GROUP
Changing your Tomorrow

## Learning Outcome :

*ପ୍ରକୃତି ଏବଂ ପ୍ରାକୃତିକ ପରିବେଶକୁ ଭଲ ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ।

* ଲୋଭ ଏବଂ ଅଜ୍ଞାନତା ହିଁ ସର୍ବନାଶର କାରଣ । ତେଣୁ ଜୀବନରେ ଲୋଭ କରିବା ଅନୁଚିତ୍ ।

* ଈଶ୍ୱରଙ୍କ ଅନବଦ୍ୟ ସୃଷ୍ଟି ପ୍ରକୃତି – ଏହି ମୂଲ୍ୟବୋଧ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜାଗ୍ରତ କରାଇବା ।

* ଆଲୋଚ୍ୟ କବିତା ମାଧ୍ୟମରେ ଆଧୁନିକ ଯୁଗର କବି – କବିବର ରାଧାନାଥ ରାୟଙ୍କ ଜୀବନୀ ଓ ସାହିତ୍ୟ କୃତି ସଂପର୍କରେ ଅବଗତ କରାଇବା ।

* ପ୍ରକୃତି ଭିତରେ ମାନବୀୟ ଆବେଗ ଏବଂ ସମ୍ବେଦନଶୀଳତା କିପରି ମାନବର ସୁଖ ଦୁଃଖରେ ସହଭାଗିତା ହୋଇଥାଏ ତାହା ଛାତ୍ରଛାତ୍ରୀମାନଙ୍କ ଭିତରେ ଅବଗତ କରାଇବା ।

ODM EDUCATIONAL GROUP
*Changing your Tomorrow*

**କୁଇଜ ମାଧ୍ୟମରେ କବିତା ଉପସ୍ଥାପନା –**

୧. କବିବର ରାଧାନାଥ ରାୟ କେଉଁ ଯୁଗର କବି ଥିଲେ ?

୨. ରାଧାନାଥ ରାୟଙ୍କ ସାହିତ୍ୟର ବୈଶିଷ୍ଟ୍ୟ କ'ଣ ?

୩. ଆଧୁନିକ ଯୁଗର ଆଉ ୨ ଜଣ କବିଙ୍କ ନାମ ଲେଖ ?

୪. କେଉଁ ସାହିତ୍ୟିକଙ୍କୁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସାହିତ୍ୟର ସମନ୍ୱୟ ବୋଲି କୁହାଯାଏ ?

୫. ରାଧାନାଥ ରାୟଙ୍କ କେଉଁ କାବ୍ୟଟି ଏକ ଖଣ୍ଡକାବ୍ୟ ?

୬. ଓଡ଼ିଆ ସାହିତ୍ୟରେ ପ୍ରକୃତି କବି କିଏ ?

୭. ରାଧାନାଥ ରାୟ କେଉଁଠି ଜନ୍ମଗ୍ରହଣ କରିଥିଲେ ?

୮. ଆଧୁନିକ ଯୁଗ ପୂର୍ବରୁ ଓଡ଼ିଆ ସାହିତ୍ୟରେ କେଉଁ ଯୁଗ ଥିଲା ?

ODM EDUCATIONAL GROUP
Changing your Tomorrow

କବିତା ଉପସ୍ଥାପନା ଏବଂ କବି ପରିଚୟ ।

କବିବର ରାଧାନାଥ ରାୟ (୧୮୪୮-୧୯୦୮) ଜନ୍ମ – ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ କେଦାରପୁର ।

ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ସମନ୍ୱୟ

* କେଦାରଗୌରୀ, ନନ୍ଦିକେଶ୍ୱରୀ, ପାର୍ବତୀ, ଚିଲିକା, ମହାଯାତ୍ରା

କବିଙ୍କ ସାହିତ୍ୟ କୃତି, ଜୀବନୀ ଉପରେ ପ୍ରଶ୍ନ ।

* ତାଙ୍କୁ କେଉଁ କବି କୁହାଯାଏ ?

* ତାଙ୍କୁ କାହିଁକି ଆଧୁନିକ ଯୁଗର ସ୍ରଷ୍ଟା କୁହାଯାଏ ?

ODM EDUCATIONAL GROUP
Changing your Tomorrow

## ସୃଜନାଭିମୁଖ୍ୟ

ଚିଲିକା କେବଳ ପ୍ରକୃତିର ଏକ ଚିତ୍ରପରୀ ନୁହେଁ, ମନୋଜ୍ଞ ସୃଷ୍ଟିରେ ସେ ହେଉଛି ଚାରୁ ଆଲେଖ୍ୟଶାଳିକା । ପ୍ରକୃତିର ଗନ୍ତାଘର ସେ । ପ୍ରକୃତିର ଜଣେ ଚିହ୍ନରା ଗ୍ରାହକ ଭାବେ କବି ଚିଲିକାର ସୌନ୍ଦର୍ଯ୍ୟକୁ ଆକାଶ ପାନ କରି ତା'ର ରମଣୀୟତାକୁ ଆହୁରି ମାଧୁର୍ଯ୍ୟବନ୍ତ କରିଛନ୍ତି । ତାଙ୍କ ଲେଖନୀରେ ଚିଲିକା ସତେଯେପରି ସଞ୍ଜୀବନୀ ମନ୍ତ୍ରରେ ନବଜୀବନ ଲାଭକରିଛି । ଅପରୂପା ଲାବଣ୍ୟବତୀ ଚିଲିକା କବିଙ୍କ ଶିଳ୍ପୀ ହାତସ୍ପର୍ଶରେ ମହିମାନ୍ୱିତ ହୋଇଉଠିଛି । ସୌନ୍ଦର୍ଯ୍ୟପିପାସୁ ପ୍ରାଣରେ ରୂପତୃଷ୍ଣାର ଅନ୍ତ ନଥାଏ । କବିଙ୍କ କାବ୍ୟନାୟିକା ଚିଲିକା ସଦା ହାସ୍ୟମୟୀ, ଛନ୍ଦୋମୟୀ ତଥା ଚଳଚପଳମୟୀ । ପ୍ରଭାତ, ମଧ୍ୟାହ୍ନ, ସାୟନ୍ତନ ସବୁ ସମୟରେ ତା'ର ରୂପମାଧୁରୀ କବିଙ୍କୁ କରିଛି ଆତ୍ମହରା ।

ODM EDUCATIONAL GROUP
Changing your Tomorrow

ତରଙ୍ଗେ ଦୋହଲି ଦୋହଲି ବୋଇତ
ଥରେ ଦିଶେ, ଥରେ ହୁଏ ଅନ୍ତର୍ହିତ ।
ଦୁଃଖିମନେ ଆଶା ଉତ୍‌ଥାନ ପତନ,
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ ।
ନିଶାଗମେ କ୍ରମେ ଲୋକ-କୋଳାହଳ
ନିବର୍ତ୍ତି ଅବନୀ ହେଉଛି ନିଶ୍ଚଳ ।
ଜଳ ସ୍ଥଳ ନଭଃ ଜ୍ୟୋତ୍ସ୍ନା-ପରିପ୍ଲୁତ
ସୃଷ୍ଟି ଦିଶେ ଯେହ୍ନେ ପାରଦ-ଧଉତ ।
ପ୍ରତିବିମ୍ବରାଜି ଦ୍ୱୀପ-ଶୈଳ-ତଳେ
ସ୍ପଷ୍ଟାକାରେ ଶୋଭେ ହ୍ରଦ-ଅନ୍ତସ୍ତଳେ ।
କ୍ଷୀରୋଦ-ସୋଦର-ଜ୍ୟୋତ୍ସ୍ନାର୍ଣ୍ଣବେ ଭାସି
ଦିଶନ୍ତି ବିଶଦ ଗିରି, ବନ, ନାସି ।




ODM
EDUCATIONAL GROUP
Changing your Tomorrow

ସ୍ନିଗ୍ଧ ତରୁପତ୍ରେ, ମସୃଣ ଉପଳେ
ଜକଜକ ହୋଇ ଜ୍ୟୋତ୍ସ୍ନା ପ୍ରତିଫଳେ ।
ସର୍ପେ ଚିତ୍ର ଚନ୍ଦ୍ରଚୂଡ଼-ତନୁ ଭଳି
ଛାୟା-ମିଶ୍ର-କରେ ଶୋଭେ ବନସ୍ଥଳୀ ।
ପ୍ରଶାନ୍ତ, ନୀରବ ଗିରି ବନଦେଶ
ନାହିଁ ଏଥି ନର ଚହଳର ଲେଶ ।
ଦୂର ଝରନାଦ, ଝିଙ୍କାରି-ଝଙ୍କାର
କରେ ନିଶୀଥିନୀ- ପ୍ରଭାବ ପ୍ରଚାର ।
କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?
ଚିଲିକା ! ତୋହର ଏହି ଶୋଭାବନ
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ ।




ODM EDUCATIONAL GROUP
Changing your Tomorrow

## ଗୃହକର୍ମ :

କବିତାର ପଦଗୁଡିକୁ ମୁଖସ୍ଥ କର । ୧୦ ଟି ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ କର ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow